ବିକାଶର ଫୋକସ୍‌ରେ ବଲାଙ୍ଗିର ଜିଲ୍ଲା

# ତିନି ବ୍ଲକ୍ ପାଇଁ ୧.୮୩ କୋଟି ଡବ୍ଲୁଓଡିସି ଅନୁଦାନ

**ବଲାଙ୍ଗିର, ୧୨(ସମିସ)**

ରାଜ୍ୟ ସରକାରଙ୍କ ଫୋକସରେ ଏବେ ବଲାଙ୍ଗିର ଜିଲ୍ଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ସମସ୍ତ କ୍ଷେତ୍ରରେ ଜିଲ୍ଲାକୁ ମିଳୁଛି ଉନ୍ନୟନ ପ୍ରକଳ୍ପ। ଏହିକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ବିଶେଷ ପ୍ରାଧାନ୍ୟ ମିଳିଛି। ଏଥିରେ ଜିଲ୍ଲାର ଲୋଇସିଂହା, ଆଗଲପୁର ଓ ମୁରିବାହାଲ ବ୍ଲକ ପାଇଁ ମୋଟ ୧ କୋଟି ୮୩ ଲକ୍ଷ ଅନୁଦାନ ମିଳିଥିବା ଜଣାପଡ଼ିଛି।

ଆଗଲପୁର ବ୍ଲକକୁ ସର୍ବମୋଟ ୮୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏହି ଅନୁଦାନରେ ୧୦ଟି ପ୍ରକଳ୍ପ ଯଥା ଦୁଗ୍ଧ ଶୀତଳିକରଣ କେନ୍ଦ୍ର, ଆଗଲପୁର ହାଇସ୍କୁଲ ଫୁଟବଲ ପଡ଼ିଆରେ ଗ୍ୟାଲେରି ନିର୍ମାଣ, ଆଗଲପୁରରେ କମ୍ୟୁନିଟି ହଲ ନିର୍ମାଣ, ପାଟନେଶ୍ୱରୀ ହାଇସ୍କୁଲ ଜୁନିଆପାଲିରେ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ, ନଅଗାଁ (ଖ) ପାର୍କରେ ଓପନ ଜିମ ନିର୍ମାଣ, ପଣ୍ଡରୀଗୁଙ୍ଗରୀ ଗ୍ରାମ ଏମଇ ସ୍କୁଲଠାରେ ବାଡ଼ ନିର୍ମାଣ ଓ ହରଭଙ୍ଗା, ନଅଗାଁ (ଖ), ବଡ଼ଟିକ୍ରା ଓ ବକଟି ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ବୋଲି ସୂଚନା ରହିଛି। ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏହି ଅଞ୍ଚଳର ଗୋ-ପାଳନକାରୀ ଓ ଦୁଗ୍ଧ ବ୍ୟବସାୟୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

ସେହିଭଳି ମୁରିବାହାଲ ବ୍ଲକକୁ ୩୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏହି ଅନୁଦାନରେ ମୁରିବାହାଲ ବ୍ଲକରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଯୋଜନା ହୋଇଛି। ପତ୍ରାପାଲି ଗ୍ରାମରେ କଲଭର୍ଟ ଓ ରୋଡ ନିର୍ମାଣ ହେବାକୁ ଥିବାବେଳେ ରେହେନଭଟା, ବେଲପଦର, ଦେଙ୍ଗୁରୀ, ମହୁଲପଡ଼ା, ବାଗବାହାଲି ଓ ଦେଙ୍ଗୁରି ଗ୍ରାମରେ କଂକ୍ରିଟ ରୋଡ ନିର୍ମାଣ କରାଯିବ ବୋଲି ସୂଚନା ରହିଛି।

ଲୋଇସିଂହା ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାମ ପାଇଁ ୭୩ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏହି ଅନୁଦାନରେ ମୋଟ ୧୦ଟି ପ୍ରକଳ୍ପର କାମ ହେବ। ପଥରଖଣ୍ଡି ଗ୍ରାମରେ କମ୍ୟୁନିଟି ସେଣ୍ଟର ନିର୍ମାଣ, କନ୍ଧାକୁରା, କୁଶଙ୍ଗ ଓ ଉପରବାହାଲ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ, ବାଞ୍ଛିପାଲି ଓ ସରଗାଡ଼ ଗ୍ରାମରେ ସିମେଣ୍ଟ କଂକ୍ରିଟ ରୋଡ ନିର୍ମାଣ, ବୁରୋମୁଣ୍ଡା ଗ୍ରାମ ସ୍ଥିତ ପ୍ରେମରାଜ ହାଇସ୍କୁଲରେ ସାଇକିଲ ଷ୍ଟାଣ୍ଡ ନିର୍ମାଣ, କୁଶମେଲ ଗ୍ରାମସ୍ଥିତ ଫୁଟବଲ ପଡ଼ିଆରେ ବାଡ଼ା ନିର୍ମାଣ, ବୁଢ଼ାପଦର ଗ୍ରାମ ସ୍ଥିତ ଶିଶୁ ଉଦ୍ୟାନରେ ଖେଳସାମଗ୍ରୀ ସ୍ଥାପନ ଓ ଭଗବତୀ ଗୁଡ଼ିର ମରାମତି ଓ ପୁନଉଦ୍ଧାର କାର୍ଯ୍ୟ କରାଯିବ ବୋଲି ସୂଚନା ରହିଛି। ଏହି ତିନୋଟି ବ୍ଲକୁ ସର୍ବମୋଟ ୧ କୋଟି ୮୩ ଲକ୍ଷ ଅନୁଦାନରେ ପ୍ରକଳ୍ପ କାମକୁ ଅନୁମୋଦନ କରାଯାଇଛି। ଯଥାଶିଘ୍ର ଏହି ସମସ୍ତ କାମ ଆରମ୍ଭ ହେବ ବୋଲି ସୂଚନା ରହିଛି।

## ଦେଓଗାଁ ଓ ରାମଚନ୍ଦ୍ରପୁର ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦେଓଗାଁ, ୧୨(ସମିସ):** ଦେଓଗାଁ ବ୍ଲକର ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ଓ ରାମଚନ୍ଦ୍ରପୁର ଏସଏସଡି ବାଳିକା ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରଠାରେ ପୁରସ୍କୃତ ହୋଇଛନ୍ତି। ମୋ ସ୍କୁଲ ପରିଚାଳନା ରାଜ୍ୟ କମିଟି ଦ୍ୱାରା ମନୋନୀତ ଦେଓଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇ ଓ ରାମଚନ୍ଦ୍ରପୁର ହାଇସ୍କୁଲର ସୁଲତା ପଣ୍ଡା ଗଣଶିକ୍ଷା ବିଭାଗ ଦ୍ୱାରା ତିନୋଟି ବିଭାଗରେ ପୁରସ୍କୃତ ହୋଇଛନ୍ତି। ଜିଲ୍ଲାରେ ବ୍ଲକର ଦୁଇଟି ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ, ପ୍ରଧାନଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ଭାବେ ମାନପତ୍ର ଓ ଟ୍ରଫି ଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେହିପରି କୁତୁର୍ଲା ସୁରଧନୁ ହାଇସ୍କୁଲର ଦିଲ୍ଲୀପ ମହାରଣା ଗଣିତ ଶିକ୍ଷକ ସମ୍ମାନ, ଗୋପାଳଚନ୍ଦ୍ର ବଗ୍ରିଆ ଖେଳ ଶିକ୍ଷକ ସମ୍ମାନ, ରାମଚନ୍ଦ୍ରପୁର ହାଇସ୍କୁଲର ପ୍ରକାଶଚନ୍ଦ୍ର ସାହୁ ବିଜ୍ଞାନ ଶିକ୍ଷକ ସମ୍ମାନ, ଅଭୟ ଚରଣ ତ୍ରିପାଠୀ ଇଂରାଜୀ ଶିକ୍ଷକ ସମ୍ମାନ ପାଇଥିବାବେଳେ ବଗଡ଼ା ହାଇସ୍କୁଲର ଛାତ୍ର ମାନସ ଭୋଇ ଛାତ୍ର ବୃତ୍ତି ସମ୍ମାନରେ ପୁରସ୍କୃତ ହୋଇଛନ୍ତି। ଏହାକୁ ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ଉତ୍ସାହ ଦେଖା ଦେଇଛି।



## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଦେଓଗାଁ, ୧୨(ସମିସ):** ଦେଓଗାଁ ଥାନା ଅନ୍ତର୍ଗତ ବନ୍ଧପଡ଼ା ଫାଣ୍ଡି ଅଧୀନସ୍ଥ ରାମଚନ୍ଦ୍ରପୁର ବାଗଯୋର ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ଡୁମେରପିଟା ଗ୍ରାମର ଜୟରାମ ବରିହା (୩୭)। ସିଙ୍ଗାମୁଣ୍ଡା ପଟୁ ଫେରୁଥିବା ବେଳେ ବାଇକ ଭାରସାମ୍ୟ ହରାଇବା ପରେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ଘଟଣାସ୍ଥଳକୁ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଡାକ୍ତରଖାନାକୁ ପଠାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣାସ୍ଥଳରେ ପଡ଼ିଥିବା ବାଇକକୁ ଜବତ କରାଯାଇ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ନୂଆ ଟିଟିଲାଗଡ଼ ଥାନାଧିକାରୀଙ୍କ ଯୋଗଦାନ

**ଟିଟିଲାଗଡ଼, ୧୨(ସମିସ):** ଟିଟିଲାଗଡ ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଅବନୀ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ସଇଁତଳା ଥାନାଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ଟିଟିଲାଗଡ ଥାନା ଅଧିକାରୀ ମନୋଜ ପ୍ରଧାନଙ୍କୁ ବଲାଙ୍ଗିର ଲରମ୍ଭା ଥାନାକୁ ବଦଳି କରାଯାଇଛି। ପୂର୍ବରୁ ଶ୍ରୀ ସାହୁ ଟିଟିଲାଗଡ ଥାନା ଏବଂ ରେଳବାଇ ଥାନାରେ କାର୍ଯ୍ୟରତ ରହି ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୂର୍ବ ଅଭିଜ୍ଞତାକୁ ପାଥେୟ କରି ଟିଟିଲାଗଡ ସହରର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ, ଅପରାଧ ଓ ଅପରାଧୀ ଦମନ କରିବା, ଜନସାଧାରଣଙ୍କ ନିକଟତର ହେବା ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।



## ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧୨(ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସଭାପତି ପ୍ରଫୁଲ୍ଲ ସାହୁ, ମୁଖ୍ୟଅତିଥି ଲୋକନାଥ ସୁନା ବିଇଓ ପୁଇତଁଲା, ମୁଖ୍ୟବକ୍ତା ଅଶୋକ ପଣ୍ଡା, ବରିଷ୍ଠ ସଂସ୍କୃତ ଶିକ୍ଷକ ରାଜକିଶୋର ପଣ୍ଡା ଓ ଶିକ୍ଷାପ୍ରେମୀ ସତ୍ୟପ୍ରିୟ ନାଏକ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ସାହୁ ଓ ହରେକୃଷ୍ଣ ନାଏକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଭା ମଞ୍ଚ ରଙ୍ଗାରଙ୍ଗ ହୋଇ ଉଠିଥିଲା। ଶିକ୍ଷକ ପ୍ରଭାତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘୋଷିକା ଭାବେ ଛାତ୍ରି ଅଚ୍ଛିତା ଡାଙ୍ଗ ଓ ଜ୍ୟୋତିର୍ମୟୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିବଶଙ୍କର ପାଣିଗ୍ରାହୀ, ଅଭିଷେକ ପାଣିଗ୍ରାହୀ, ଜୟସେନ ମହାନନ୍ଦ, ଧିରେନ୍ଦ୍ର ସୁନା, ସୌରଭ ନାଏକ, ରିତା ପଧାନ, ପ୍ରିତି ମିଂଜ, ବିଶେଶ୍ୱର ଝାଙ୍କର, ମହେଶ୍ୱର ଝାଙ୍କର, ସଞ୍ଜୀବ ନାଏକ, ବବୁଲୁ ଦେହୁରି, ରାଜକିଶୋର ପଧାନ, ଦେବାଶିଷ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ଦେଓଗାଁ, ୧୨(ସମିସ):** ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମହଲେଇ ପଞ୍ଚାୟତ ବଲାରପାଲିରେ ବୁଢାଦେଓ ମନ୍ଦିର, ଜରାସିଂହା କଲ୍ୟାଣ ମଣ୍ଡାପ, କୁତୁର୍ଲା ପଞ୍ଚାୟତର ସିଆଲବାହାଲି ଜଗନ୍ନାଥ ମନ୍ଦିର, ଗାଇବାହାଲ ପଞ୍ଚାୟତର ଗଡ଼ଦ୍ୱାରାରେ ବୁଢାଦେଓ ମନ୍ଦିର ପାଇଁ ଚାରି ଲକ୍ଷ ଲେଖାଏଁ ଓ ବଗଡ଼ାର ହଲଦୀପାଲିରେ ମହିମା ମନ୍ଦିର ପାଇଁ ସାତ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ହାଉସିଂ ବୋର୍ଡ ଅଧ୍ୟକ୍ଷ ସାରସବାହାଲ ବଙ୍ଗଳାରେ ଚାଲିଥିବା ନବାହ ପାରାୟଣରେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ସୁଶୀଳ ଚାନ୍ଦ, ପୂର୍ବ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ବିଜେଡି ଜିଲ୍ଲା ସମ୍ପାଦକ ଟିମା ମହାନ୍ତି, ପାକ୍ସ ନିର୍ଦ୍ଦେଶକ ଅର୍ନ୍ତଯ୍ୟାମୀ ଭୋଇ, ବୁଦ୍ଧଦେବ ପରୁଆ, ଦୀପକ ବେହେରା, ନରେଶ ଷାଣ୍ଢ, ନିରାକାର ମେହେର, ଡମ୍ବରୁ ଷାଣ୍ଢ, ଆକବର ଗଡ଼ତ୍ୟା, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ଦୀପକ ବେହେରା, ଅନ୍ତର୍ଯ୍ୟାମୀ ମିଶ୍ର, ଜାନକୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ସଇଁତଳା, ୧୨(ସମିସ):** ସଇଁତଳା ବ୍ଲକ କୁଇକେଡା ପଞ୍ଚାୟତର ରେଙ୍ଗାଲିରେ ନୂତନ ଭାବେ ହେବାକୁ ଯାଉଥିବା ରେଙ୍ଗାଲି ପଟେଲପଡ଼ା ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ କରିଛନ୍ତି ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଇକେଡା ପଞ୍ଚାୟତ ନାଏବ ସରପଞ୍ଚ ବନ୍ଦିତା ପଟେଲ, କାର୍ଯ୍ୟନିର୍ବାହୀ ଅଧିକାରୀ ଶରତ ସାହୁ, ଯନ୍ତ୍ରୀ ରୋଜାଲିନ ପରିଡ଼ା ସହ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ଯୁବନେତା ସାମୁଏଲ ନନ୍ଦ, ଶ୍ରୀକୃଷ୍ଣ ପଟେଲ, ସତ୍ୟନାରାୟଣ ଭୋଇ ଓ ଶଶି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଗଣ୍ଡପତ୍ରାପାଲି ପଞ୍ଚାୟତସ୍ଥିତ ଜଗନ୍ନାଥ ମନ୍ଦିର ଓ ଭତାସର ଶିବ ମନ୍ଦିରର ଉନ୍ନତିକରଣ ସହ ଗିରି ଗୋବର୍ଦ୍ଧନ ପିଠ, ଗୌତମ ବୁଦ୍ଧ ସେବା ସଂଘ କମୁନିଟି ସେଣ୍ଟର, ଦୁର୍ଗା ମଣ୍ଡପ, ଡୁମାଲପଡ଼ା କମୁନିଟି ସେଣ୍ଟର, ଘିଭେଲା ପଡ଼ା କମୁନିଟି ସେଣ୍ଟର, ଫପଶି ରାଧାକୃଷ୍ଣ ମନ୍ଦିର, ଆରସିବି କ୍ଲବର ସାଂସ୍କୃତିକ ମଣ୍ଡପ, ବସ୍ତେନ ବୁଢ଼ୀ ମନ୍ଦିର ଓ ଆଦିବାସୀ ପଡ଼ା କମୁନିଟି ସେଣ୍ଟର ଶିଳାନ୍ୟାସ କରାଯାଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମନିସ ସୁନା, ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ସମିତି ଅମ୍ରିତା ଦୀପ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀଷ୍ମ କୁମ୍ଭାର ଓ କ୍ଷମାସାଗର ବଗର୍ତ୍ତି ଓ ହରେକୃଷ୍ଣ ବଗର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ।



## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**ଲୋଇସିଂହା, ୧୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ସାମଗ୍ରିକ ବିକାଶ ହେଉଥିବା ବେଳେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ନେଇ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜନ କରାଯାଉଛି। ଗୁରୁବାର ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ବୁଢ଼ୀପଦର ପଞ୍ଚାୟତରେ ଏହାର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ରାଜ୍ୟ ସରକାରଙ୍କ ବିକାଶ ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଯୋଜନା ବିଷୟରେ ଅବଗତ କରିଥିଲେ। ସେହିଭଳି ସରପଞ୍ଚ ଲକ୍ଷ୍ମୀ ପଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜ୍ୟୋସ୍ନାମୟୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



## ଜଳିଗଲା ଶିକ୍ଷକଙ୍କ କାର୍

**ତୁରେକେଲା, ୧୨(ସମିସ):** କଣ୍ଟାବାଞ୍ଜି ଥାନା ଚଟୁଅନକା ଗାଁ ତାରିଣୀ ମନ୍ଦିର ଛକ ନିକଟରେ ଏକ କାର ଜଳି ଯାଇଛି। କଣ୍ଟାବାଞ୍ଜି ସହର ନୂଆପଡା ବାସିନ୍ଦା ଶିକ୍ଷକ ବିବେକ ରାଏଙ୍କ କାର୍ ହୋଇଥିବା ବେଳେ ଏହାକୁ ଚଟୁଅନକା ଶିକ୍ଷକ କିଶୋର ବରିହା ଚଳାଉଥିଲେ। ସେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଶ୍ରୀ ବରିହା ତାଙ୍କ କିଛି ବନ୍ଧୁ ମାନଙ୍କ ସହ କାରରେ ବସି ରହିଥିଲେ। ହଠାତ କାର୍‌ରେ ନିଆଁ ଲାଗି ଯାଇଥିଲା। ଏନେଇ କଣ୍ଟାବାଞ୍ଜି ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇପାରି ନାହିଁ।



## ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

**ବଲାଙ୍ଗିର, ୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ଯୋଗଦେଲେ ନୂତନ ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱର। ପୂର୍ବତନ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ବଦଳି ପରେ ସେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଜିଲ୍ଲାର ବିକାଶ ଧାରାକୁ ଆଗେଇ ନେବାକୁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ପରିଚାଳନା ପାଇଁ ମଧ କାର୍ଯ୍ୟ କରିବେ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ତାଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ସେମାନଙ୍କ ସହିତ ନୂତନ ଜିଲ୍ଲାପାଳ ଆଲୋଚନା କରିଥିବା ଜଣାପଡିଛି।



## ଲୋଇସିଂହା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ଲୋଇସିଂହା, ୧୨(ସମିସ):** ଲୋଇସିଂହା ମହାବିଦ୍ୟାଳୟର ଦୁଇଜଣ କର୍ମଚାରୀ ଅର୍ଥନୀତି ବିଭାଗ ପ୍ରଧାପିକା ସୁନୀତି ହୋତା ଓ ଡେମୋନଷ୍ଟ୍ରେଟର ପ୍ରତାପ ବହିଦାରଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀମତି ହୋତା ଓ ଶ୍ରୀ ବହିଦାରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କର୍ମଚାରୀ, ଛାତ୍ରଛାତ୍ରୀ ଦୁଇ ଜଣଙ୍କ ସହ ଅନୁଭୂତିକୁ ସ୍ମରଣ କରି ଭାବବିହ୍ୱଳ ହୋଇଥିଲେ। ପ୍ରାଧ୍ୟାପକ ସନ୍ତୋଷ ଦାଶ ସଂଯୋଜନା କରିଥିବା ବେଳେ ଏଥିରେ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜୁ ସେତୁ ଲୋକାର୍ପିତ

**ବଲାଙ୍ଗିର, ୧୨(ସମିସ):** ବଲାଙ୍ଗିର ସଦର ବ୍ଲକ କୁଡାସିଂହା ଶିରିସଠାରେ ନାଇକେନଯୋର ଉପରେ ନିର୍ମାଣ ହୋଇଥିବା ସେତୁର ଉଦଘାଟନ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସରିତା ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭାପତି ଦେବାକୀ ସାହୁ, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଜିଲ୍ଲା ପରିଷଦ ସଭ୍ୟା ସଙ୍ଗିତା ସୁନା, କୁଡାସିଂହା ସରପଞ୍ଚ ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ସେତୁ ଯୋଜନା ମାଧ୍ୟମରେ ଗ୍ରାମ ଉନ୍ନୟନ ବିଭାଗ ତତ୍ୱାବଧାନରେ କୁଡାସିଂହା ଶିରିସଠାରୁ କୁଠୁର୍ଲା ରାସ୍ତା ନାଇକେନଯୋର ଉପରେ ବ୍ରିଜ ନିର୍ମାଣ ହେବା ଫଳରେ ଲୋକେ ଉପକୃତ ହେବେ। ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ପ୍ରିୟବ୍ରତ ନାଥ, ନରେନ୍ଦ୍ର ପାତ୍ର, ବ୍ଲକ ବିଜେଡି ଯୁବ ସଭାପତି ଆଶୀର୍ବାଦ ସାହୁ, ସିରିଶ ଗଉନ୍ତିଆ ଧନଞ୍ଜୟ ଦାସ, କିମା ମହାନ୍ତି, ଲଳିତ ସାହୁ, ଶଙ୍କର୍ଷଣ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।



## କୁତୁର୍ଲା କଲେଜରେ ଆତ୍ମସୁରକ୍ଷା ତାଲିମ

**ଦେଓଗାଁ, ୧୨(ସମିସ):** ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁନୀଲ ହରପାଲ ଆଠ ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିବତଲାର ମାଷ୍ଟର ଟ୍ରେନର ପ୍ରିୟଙ୍କା ମିଶ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଅଧ୍ୟାପକ ବଳରାମ ପଧାନ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ବିଶେଷତ୍ୱ ଉପରେ ଆଲୋକପାତ କରିଥିବାବେଳେ ନୋଡାଲ ଅଧିକାରୀ ଖେଳ ଶିକ୍ଷକ ସରୋଜ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଉକ୍ତ କଲେଜରେ ଉକ୍ତ କଲେଜରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ। ଅଧ୍ୟାପକ ହେମନ୍ତ ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ଅଧ୍ୟାପକ ବିଜୟ ଜାଲ ଓ ବଳରାମ ପଧାନ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ଆସନ୍ତା ପରୀକ୍ଷା ପାଇଁ ଶୁଭାଶିଷ ପ୍ରଦାନ କରିଥିଲେ। ଛାତ୍ର ପ୍ରଶାନ୍ତ ଭୋଇ ଧନ୍ୟବାଦ ଦେଇଥିଲେ।




# ଘରେ ଘରେ ବିଜେଡି ପହଞ୍ଚାଉଛି 'ନବୀନ' ବାର୍ତ୍ତା

**ମୁରିବାହାଲ/ତୁରେକେଲା, ୧୨(ସମିସ)**

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମୁରିବାହଲ ବ୍ଲକ ବଡସାଇମରା ପଞ୍ଚାୟତର ବିଭିନ୍ନ ଗାଁରେ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ବିଭିନ୍ନ ପଞ୍ଚାୟତର ପ୍ରତି ଘରକୁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତାକୁ ପହଞ୍ଚାଯାଉଛି। ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ତଥା କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ନେତୃତ୍ୱରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, କଣ୍ଟାବାଞ୍ଜି ଆୟୁବ ଖାଁ ହସ୍ପିଟାଲ ଡାଇରେକ୍ଟର ଅମଜଦ ଖାଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ରାଜ୍ୟସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ବିଜେଡି ବ୍ଲକ ସଭାପତି ମିନିକେତନ ପାତ୍ର, ପତ୍ରାପାଲି ସମିତିସଭ୍ୟ ସନ୍ୟାସୀ ପୁଟେଲ, ସରପଞ୍ଚ ଶୁକଦେବ ପୁଟେଲ, ବଡସାଇମରା ସମିତିସଭ୍ୟ ରଶ୍ମି ମାଝୀ, ବରିଷ୍ଠ ବିଜେଡି ନେତା ବାବୁଲି ମହାନନ୍ଦ, ଖେଡୁ ମାଝୀ, ନାଏବ ସରପଞ୍ଚ ବିଶ୍ୱାମିତ୍ର ଭୋଇ ସହ ଅନେକ ବିଜେଡି ନେତା, ଗ୍ରାମବାସୀ ପୋଷ୍ଟର, ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ସେହିପରି ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝିଙ୍କ ନେତୃତ୍ୱରେ ଏହି ଜନସମ୍ପର୍କ ଯାତ୍ରା ଗୁରୁବାର ତୁରେକେଲା ବ୍ଲକ ତୁରେକେଲା ପଞ୍ଚାୟତ ଲର୍କି, ଗଂଜାଉଡାର, ବୁଢୀବାହାଲ, ବାଗବାହାର, ବାଗବେଲ, ମହୁଲବାହାଲି, ଚେରେମ୍ୟାନପଡାରେ ପହଞ୍ଚିଥିଲା। ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଦୈତାରୀ ଭୋଇ, କଣ୍ଟାବାଞ୍ଜି ନଗର ବିଜେଡି ସଭାପତି ଦେବାର ବାରିକ, ଯୁବ ବିଜେଡି ନେତା, ଲମ୍ବୋ ମାହାନନ୍ଦ, ବିଷ୍ଣୁ ଯୁଏଡ, ବିଟୁ ଶାଙ୍ଗା ସହ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।







## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

# ସମୃଦ୍ଧିର ଶୀର୍ଷପଥେ 'ଆମ ଓଡ଼ିଶା'







**କୋକସରା, ୧।୨(ସମିସ)**

ଏକ ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀ ଭାବେ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପାଇଁ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ '୫-ଟି' ଅଧୀନରେ ସାରା ଓଡ଼ିଶା ରୂପାନ୍ତର ହେଉଥିବା ସମୟରେ ସାମାଜିକ, ସାଂସ୍କୃତିକ, ଓଡ଼ିଆ ଭାଷାର ଉନ୍ନତି ସର୍ବୋପରି ଗ୍ରାମାଞ୍ଚଳର ବହୁବିଧ ଉନ୍ନତି ଲକ୍ଷ ନେଇ ଆଗେଇ ଚାଲିଛି ଏହି ଅଭିଯାନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ମଙ୍ଗ ମନ୍ତ୍ରୀ, ବିଧାୟକ କିମ୍ବା ନିର୍ବାଚିତ ଜନ ପ୍ରତିନିଧିଙ୍କ ହାତରେ ନୁହଁ, ସାଧାରଣ ଜନତା ଏହାର ମଙ୍ଗୁଆଳ ସାଜିଛନ୍ତି। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳ ଗୁଡିକର ରୂପାନ୍ତରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡିକର ରୂପାନ୍ତରଣ, କ୍ରୀଡା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ଓ ସୁଗମ ପରିବହନ ବ୍ୟବସ୍ଥା ଆଦିର ଗୁରୁତ୍ୱ ଦିଆଯାଇଛି। ତେଣୁ 'ଆମ ଓଡ଼ିଶା' ଗଠନ କରିବ ସମୃଦ୍ଧ ଓଡ଼ିଶା ବୋଲି ଗୁରୁବାର କୋକସରା ବ୍ଲକ ଟେମରାଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅବସରରେ ମତପ୍ରକାଶ ପାଇଛି। ସରପଞ୍ଚ କ୍ଷିତିରାମ ପାତ୍ର ସଭାର ଅଧ୍ୟକ୍ଷତା କରିଥିଲେ। ଏଥିରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର କଳାହାଣ୍ଡି ଜିଲ୍ଲା ସଂଯୋଜକ ବଦ୍ରିନାରାୟଣ ପଟ୍ଟନାୟକ, ଧର୍ମଗଡ଼ ନିର୍ବାଚନମଣ୍ଡଳୀ ବିଜେଡ଼ି ସଭାପତି ମାନସ ରଞ୍ଜନ ବାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ହିସାବ ଅଧିକାରୀ ଅଶୋକ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସୁକାନ୍ତ ବେହେରା, ସମିତି ସଭ୍ୟା ଅନୁସୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ବିଭିନ୍ନ ବିଭାଗର ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଟେମରା ପଞ୍ଚାୟତସ୍ତରୀୟ ସଚେତନତା ଶିବିରର ଶୋଭା ବର୍ଦ୍ଧନ କରିବାରେ ସହାୟକ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ନାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମଞ୍ଚକୁ ହୃଷୀକେଶ ଦୁର୍ଗା ପରିଚାଳନା କରିଥିଲେ।



**କେସିଙ୍ଗା:** ଗତ ୨୭ ଜାନୁଆରୀରୁ କେସିଙ୍ଗା ବ୍ଲକରେ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ରଥ ଇତିମଧ୍ୟରେ ପଞ୍ଚାୟତ ପଞ୍ଚାୟତ ବୁଲି ଗୁରୁବାର ଦେଓଗାଁ ପଞ୍ଚାୟତରେ ପହଞ୍ଚିଛି। ପଞ୍ଚାୟତରେ କଣ ସବୁ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ଓ କେତେ ଗୋଟି ପ୍ରକଳ୍ପ ଶେଷ ହେଲାଣି ଏମିତି ଅନେକ ପ୍ରଶ୍ନର ଉତ୍ତର ଅଛି ଏହି ସଚେତନତା ରଥରେ। ଏଥିପାଇଁ ଗ୍ରାମ ପଞ୍ଚାୟତରେ ପଞ୍ଚାୟତବାସୀଙ୍କୁ ନେଇ ଏକ ସଭା ସରପଞ୍ଚ ଡମ୍ବୁରୁଧର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ ଯୋଗ ଦେଇଥିବା ବେଳେ ଅଞ୍ଚଳର ବରିଷ୍ଠ ସମାଜସେବୀ ମନୋଜ ପଟ୍ଟନାୟକ, କେସିଙ୍ଗା ବ୍ଲକ ଅଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ଏବିଡିଓ ସିଦ୍ଧେଶ୍ୱର ମେହେର, ୩ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁନୀତା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ସୁଧୀର ବାଗ ମଞ୍ଚ ପରିଚାଳନା କରିଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଅନ୍ତର୍ଗତ ନୁନପୁର ଗ୍ରାମ ପଞ୍ଚାୟତ ପରିସରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସରପଞ୍ଚ ସବିତା ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମ, ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ କୁମାର ପଧାନ, ବିଜେଡ଼ି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଶତପଥି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୁଳମଣି ସିଂ ରାୟ, ସମିତି ସଭ୍ୟ ଉଦ୍ଧବ ଜାନୀ, ନାଏବ ସରପଞ୍ଚ ମମତା ରଣା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ କୁମାର ଜାଲ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଉପରେ ସଚେତନ କରିଥିଲେ। ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ଅଙ୍ଗନବାଡି, ପ୍ରାଣୀସମ୍ପଦ, ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ ଖୋଲା ଯାଇଥିଲା। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଟିଭି ମାଧ୍ୟମରେ ପ୍ରଦର୍ଶନ କରାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ରାଜ୍ୟ ସଭାପତି ରୋମାଞ୍ଚ ସାହୁଙ୍କ ସମେତ ସମାଜସେବୀ ବିକାଶ ରଞ୍ଜନ ସିଂହଦେଓ, ପ୍ରଦୀପ କୁମାର ପାଣିଗ୍ରାହୀ, ଭବାନୀ ଶଙ୍କର ସାହୁ, ପ୍ରେମ ସାଗର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଜୟପାଟଣା:** ଜୟପାଟଣା ବ୍ଲକ ଅନ୍ତର୍ଗତ ଭଇଁରିପାଲି ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର୍ ସଚେତନତା ଶିବିର ଆରଏମସି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭାନୁମତୀ ଡ଼ମୋଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡ଼ିଓ ବିଶ୍ୱନାଥ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ବିଧାୟକ ପ୍ରତିନିଧି ସତ୍ୟନାରାୟଣ ଅଗ୍ରୱାଲ, ନାଏବ ସରପଂଚ ପ୍ରଶାନ୍ତ କୁମାର ପଣ୍ଡା, ବିଘ୍ନରାଜ ପଣ୍ଡା, ସାମ୍ବାଦିକ ଶରତ ଚନ୍ଦ୍ର ରାଉତ, ଗୋଲାପ ସାହୁ, ଚିତ୍ରସେନ ବାଗ, ସୁଶିଲ ନାଏକ, ଗୌର ଚୌହାନ, ହରି ସିଂ ବାଗ, ଜିପିଇଓ ହେମନ୍ତ କୁମାର ଭେଇ, ବିପିଓ ଚନ୍ଦନ ସାହୁ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପିଇଓ ବିକ୍ରମ ମାଝୀ ପରିଚାଳନା କରିଥିବା ବେଳେ ଗ୍ରାମ ରୋଜଗାର ସେବିକା ଦେବକୀ ମାଝୀ, ଯୋଗାଣ ସହାୟକ କ୍ଷୀରୋଦ ନାଏକ, ବାଣ୍ଡି ଗାଁ ଗ୍ରାମ୍ୟ ରୋଜଗାର ସେବକ ଖଗପତି ନାଏକ, ହେମନ୍ତ ଛତ୍ରିଆ, ଡିଙ୍ଗର ବାଗ, ବେଦାନ୍ତ ମାଝୀ, ମନ୍ଦର ନାଗ, ଦିଲିପ ପୁଝାରୀ, ମନୋଜ ରାଉତ, ଧନେଶ୍ୱର ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ଘୁମୁରା ଓ ସଙ୍କୀର୍ତ୍ତନ ସହ ଏଲ୍ଇଡି ମାଧ୍ୟମରେ ସରକାରଙ୍କ ବିକାଶମୂଳକ ଯୋଜନା ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

**ଗାଇଗାଁ:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଦେଓଗାଁ, ଅଧମୁଣ୍ଡା, ଫଟକାମାଲ ଏବଂ ପରଲସିଙ୍ଗା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଦେଓଗାଁ ସରପଞ୍ଚ ଡ଼ମ୍ବୁରୁଧର ପଟ୍ଟନାୟକ, ପରଲସିଙ୍ଗା ସରପଞ୍ଚ କୃତଞ୍ଜଳ ଗୌଡ଼, ଫଟକାମାଲ ସରପଞ୍ଚ ସୁବୋଧ ରଣା ଓ ଅଧମୁଣ୍ଡା ସରପଞ୍ଚ ଜ୍ୟୋତ୍ସ୍ନା ନାଏକଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ଦେଓଗାଁ ପଞ୍ଚାୟତରେ କେସିଙ୍ଗା ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ ସମ୍ମାନିତ ଅତିଥି ଥିଲେ। ପ୍ରତି ପଞ୍ଚାୟତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଏବଂ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ, ଅତିରିକ୍ତ ଏବିଡ଼ିଓ ଶ୍ରୀ ମେହେର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେସିଙ୍ଗା ବ୍ଲକ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ପଞ୍ଚାୟତର ସମିତି ସଭ୍ୟସଭ୍ୟା ୱାର୍ଡ ସଭ୍ୟ ସଭ୍ୟା ଏମବିକେ ସିଆରପି, ମିଶନ ଶକ୍ତି ମହିଳାମାନେ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତର ଜିଆରଏସ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବିଶେଷ ସହଯୋଗ କରିଥିଲେ।




## ବାଇକ ଦୁର୍ଘଟଣାରେ ଶିକ୍ଷକ ମୃତ

**ଜୁନାଗଡ଼, ୧।୨(ସମିସ):** ଜୁନାଗଡ଼ ସହରରେ ବାଇକ ଦୁର୍ଘଟଣାରେ ମଟିଗାଁ ପଂଚାୟତ କୋଲିଗାଁ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜିନ୍ଦ୍ର ମହାନ୍ତି (୫୨)ଙ୍କର ମୃତ୍ୟୁ ହୋଇଛି। ସେ କୌଣସି କାମରେ ସନ୍ଧ୍ୟାରେ ସହରର ଏକ ଦୋକାନକୁ ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ବାଇକ ଧକ୍କା ଦେଇ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ଼ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ମୃତ ଶିକ୍ଷକଙ୍କ ସ୍ତ୍ରୀ, ୨ଝିଅ ଓ ୧ପୁଅ ଅଛନ୍ତି। ସେ ଜଣେ ଛାତ୍ର ବତ୍ସଳ ଓ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକ, ଛାତ୍ର ଓ ପରିଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।



## 'ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟ ବଢ଼ାଇଛି କଳାହାଣ୍ଡିଆ ଶବ୍ଦ'

**ବେହେରା,୧।୨(ସମିସ):** ଶାସ୍ତ୍ରୀୟ ଓଡ଼ିଆ ଭାଷା ରୂପୀ ହାରରେ ଓଡ଼ିଆ ଶବ୍ଦ ସମୂହ ଯଦି ମୋତି ଭଳି ଗୁନ୍ଥି ହୋଇଥାଏ, ତେବେ ସେ ଭିତରେ କଳାହାଣ୍ଡିଆ ଶବ୍ଦ ମାଣିକ୍ୟ ଭଳି ଝଟକୁଥାଏ। ଓଡ଼ିଆ ସାହିତ୍ୟରେ କଳାହାଣ୍ଡିଆ ଶବ୍ଦର ପ୍ରୟୋଗ ତାହାକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିଥାଏ ବୋଲି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୁବ କବି ରଜତ ବଂଶଲ ମତପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ବଂଶଲ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦନ୍ତେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରେମଲାଲ କାଣ୍ଡ ମୁଖ୍ୟବକ୍ତା, ଅଧ୍ୟାପକ ରଂଜନ କୁମାର ପଣ୍ଡା, ଫକୀର ଚଣ୍ଡି, ଭାରତୀୟ ବିଦ୍ୟାଶ୍ରୀ ନିକେତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ଏକ ଉତ୍ତମ ସୁଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ନିକୁଞ୍ଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଶୋକ ଚଣ୍ଡି, ସାନୁର୍ଯ୍ୟ ଗୋପାଳ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଫେବୃଆରୀ ୫ ତାରିଖ ଯାଏଁ ଚାଲିବ।

## ପାଞ୍ଚଟି ସ୍କୁଲକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଜୟପାଟଣା, ୧।୨(ସମିସ):** ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ୪ଟି ପ୍ରାଥମିକ ଓ ଗୋଟିଏ ଉଚ୍ଚବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି। ହୀରାପୁର ଉଚ୍ଚ ବିଦ୍ୟାଳୟ ସହ ଗାନ୍ଧୀ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାଗୁନ ଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଛଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ପୁରସ୍କାର ପାଇଛନ୍ତି। ବିଦ୍ୟାଳୟ ଏବଂ ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯଥାକ୍ରମେ ପ୍ରଧାନଶିକ୍ଷକ ଅଙ୍ଗୁରବାଳା ଜେନା, ଦିବାକର ପଟ୍ଟନାୟକ, ମାଧବ ଚନ୍ଦ୍ର ପଣ୍ଡା, ନବକିଶୋର ନାୟକ, ଶ୍ରୀଦେବୀ ନାୟକ ବିଷୟଭିତ୍ତିକ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଷ୍ଠ ଆଲୁମିନି ଭାବରେ ବିଦ୍ୟାଳୟର ସଭାପତି ଉମାଶଙ୍କର ଦୀପ ଓ ବଡ଼ ପୂଜାରିଗୁଡ଼ା ହାଇସ୍କୁଲର ଛାତ୍ରୀ କୁମକୁମ୍ ନାୟକଙ୍କୁ ଶ୍ରେଷ୍ଠ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଜୟପାଟଣାଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା ଏକ ଭବ୍ୟ କାର୍ଯକ୍ରମ ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯକ୍ରମରେ ସାମ୍ବାଦିକ ଶେଷଦେବ ବେହେରା, ଅସରଫ ଅଲ୍ଲୀ ସିଆରସିସି ଓ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ବାଣିପଙ୍ଗା ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼, ୧।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାଣିପଙ୍ଗାସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବସନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଲାଞ୍ଜିଗଡ଼ ସିଏଚସିର ଡ଼. ନରେନ୍ଦ୍ର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଲାଞ୍ଜିଗଡ଼ ବିଇଓ ନମିତାରାଣୀ ଭୋଇ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଯୋଗାଣୀ ମାଝୀ, ବାତେଲିମା ପଞ୍ଚାୟତ ସରପଞ୍ଚ କରୁଣା ମାଝୀ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ବାତେଲିମା ପୂର୍ବତନ ସମିତି ସଭ୍ୟା ବାସନ୍ତୀ ସାମଲ, ଶିକ୍ଷକ ଲଳିତ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସ୍ମିତା ଦାସ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ମାଝୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୁଣଧର ଶବର, ପଦ୍ମନ ମାଝୀ, ଚିତ୍ତ ମାଝୀ, ଶନି ମାଝୀ, ହରି ମାଝୀ, ସନ୍ତୋଷ ମାଝୀ, ଖେଳ ଶିକ୍ଷକ ବିଜୟ କୁମାର ଭୋଇ, ଶିକ୍ଷୟତ୍ରୀ ଲାବଣ୍ୟମୟୀ ମହନ୍ତ, ଚିତ୍ରାଞ୍ଜଳି ନାଏକ, ଲଳିତା ନାଏକ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ହିନ୍ଦୀ ଶିକ୍ଷକ ଯୋଗେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



## ମୃତ୍ୟୁ ପ୍ରମାଣପତ୍ର ପାଇଁ ଲାଞ୍ଚ ଅଭିଯୋଗ

**ଜୟପାଟଣା, ୧।୨(ସମିସ):** ବିନା ଲାଞ୍ଚରେ ମୃତ୍ୟୁ ପ୍ରମାଣପତ୍ର ନ ମିଳିବା ଭଳି ଘଟଣା ଦେଖିବାକୁ ମିଳିଛି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନା ଅନୁଯାୟୀ ଗତ ଜୁଲାଇ ୯ ତାରିଖ ଦିନ ଜୟପାଟଣା ଥାନା ଅନ୍ତର୍ଗତ ଅଲାଭଟା ଗ୍ରାମର ମୁକୁନ୍ଦ ପରାଭୋଇ (୫୫) ଓ ରାଜକୁମାରୀ ନାଏକ(୩୦) ଙ୍କ ପାହାଡ଼ରୁ ପଥର ଖସିବା ଫଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଶବ ଜବତ କରି ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ମୃତକ ଦୁହେଁ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଅତି ଗରିବ ଶ୍ରେଣୀର ଅଟନ୍ତି। ତେବେ ମୃତକଙ୍କ ପରିବାର କିଛି ସରକାରୀ ସହାୟତା ପାଇବା ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଜନ୍ମମୃତ୍ୟୁ କାର୍ଯ୍ୟାଳୟରେ ମୃତ୍ୟୁ ପ୍ରମାଣପତ୍ର ଆବେଦନ କରିଥିଲେ। କିନ୍ତୁ ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ପ୍ରମାଣପତ୍ର ଯୋଗାଇ ଦିଆଯାଇ ନାହିଁ। ବରଂ ପ୍ରମାଣପତ୍ର ପ୍ରଦାନ ପାଇଁ କାର୍ଯ୍ୟାଳୟରେ କାମ କରୁଥିବା କିଛି କର୍ମଚାରୀ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଇଥିବା ସଙ୍ଗୀନ ଅଭିଯୋଗ ଆସିଛି। ଯଦି ଏକଥା ସତ ତେବେ ଏହା ସାଂଘାତିକ ଅଟେ। ପ୍ରମାଣପତ୍ର ମିଳିଲେ କୌଣସି ସରକାରୀ ସହାୟତା ମିଳିବ ଓ ପରିବାର ପ୍ରତିପୋଷଣ ହେବ ସେ ଆଶାରେ ଦୁହେଁ ରାଜକୁମାରୀଙ୍କ ସ୍ୱାମୀ ପୁସ୍ତମ ନାଏକ ଓ ମୁକୁନ୍ଦଙ୍କ ଭାଇ ଶିବ ପରଭୋଇ ପ୍ରମାଣପତ୍ର ପାଇଁ ଦୀର୍ଘ ଚାରି ମାସ ଘର ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡ଼ିଦୌଡ଼ି ବିଫଳ ହୋଇଥିଲେ। ପ୍ରମାଣପତ୍ର ପାଇଁ କାର୍ଯ୍ୟାଳୟରେ କାମ କରୁଥିବା କିଛି କର୍ମଚାରୀ ଲାଞ୍ଚ ମାଗିଥିଲେ। ତେବେ କୋଣସି ଉପାୟ ନପାଇ ଶେଷରେ ଜମି ବନ୍ଧକ ପକାଇ କର୍ମଚାରୀଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କୀୟ। ଲାଞ୍ଚ ଦିଆଯିବା ପରେ ମଧ୍ୟ ଏପର୍ଯ୍ୟନ୍ତ ପ୍ରମାଣପତ୍ର ମିଳିନାହିଁ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଲେ ସେ ଏ ଘଟଣା ବିଷୟରେ ଶୁଣିଛି ବୋଲି କହିଥିବା ବେଳେ ଶୀଘ୍ର ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷଙ୍କ ମତାମତ ନେବା ସମ୍ଭବ ହୋଇପାରିନାହିଁ।

## ଜିଲ୍ଲାସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଏସ୍ଏସ୍ଭିଏମ୍ ବ୍ରଜବିହାର ବିଜୟୀ

**ଭବାନୀପାଟଣା, ୧।୨(ସମିସ)**

ଜିଲ୍ଲା ସଦର ମହକୁମା ଭବାନୀପାଟଣା ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ପଞ୍ଚମ ଦିନରେ ପହଞ୍ଚିଛି। ଏଥିରେ ଏସ୍ଏସ୍ ଭିଏମ୍ ବ୍ରଜବିହାର ଓ ବିମଳା କନଭେଣ୍ଟ ସ୍କୁଲ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏସ୍ଏସ୍ ଭିଏମ୍ ବ୍ରଜବିହାର ଟସ ଜିଣି ବ୍ୟାଟିଂ କରି ୨୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୯୭ ରନ୍ କରିଥିଲା। ଏହାର ଜବାବରେ ବିମଳା କନଭେଣ୍ଟ ସ୍କୁଲ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ସଂଗ୍ରହ କରିଥିଲା। ୨୮ ରନ୍‌ରେ ଏସ୍ଏସଭିଏମ୍ ବ୍ରଜବିହାର ମ୍ୟାଚ୍ ବିଜୟୀ ହୋଇଛି। ଏସ୍ଏସଭିଏମ୍‌ର ଦେବସ୍ୱରୂପ ଶବର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଭାତ ବ୍ରହ୍ମା ଓ ବିପ୍ଳବ ସିଂ ଖେଳ ପରିଚାଳନା କରିଥିଲେ। ସ୍କୋରର ଅମୀୟ ସେନାପତି ରହିଥିବା ବେଳେ ଧାରା ବିବରଣୀ ସୁବ୍ରତ ସିଂ ପ୍ରଦାନ କରିଥିଲେ। ଅତିଥି ଭାବେ ଏକ୍ସ ଆଇପିଇ ମହେନ୍ଦ୍ର କୁମାର ପଣ୍ଡା, କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, କାଳୀ ପ୍ରସାଦ ପଟ୍ଟନାୟକ, ସର୍ଦ୍ଦାର ନିର୍ମଳ ସିଂ, ଅଶୋକ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଭିକାରୀ ଚରଣ ମିଶ୍ର, ଅବଦୁଲ କାଦର, ବିପିନ୍ ମିଶ୍ର, ଭବାନୀ ଶଙ୍କର ପଟ୍ଟନାୟକ, ସୁରେଶ ଗଡତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



# ଡାକ୍ତରଖାନାର ପରିମଳ ବ୍ୟବସ୍ଥା ଦେଖି ବିଗିଡ଼ିଗଲେ ଜିଲ୍ଲାପାଳ

**କଣ୍ଟାମାଳ/ମନମୁଣ୍ଡା/ଶଗଡ଼ା,୧।୨(ସମିସ):** ବୌଦ୍ଧର ନୂତନ ଜିଲାପାଳ ଜେ ସୋନାଲ ଗୁରୁବାର କଣ୍ଟାମାଲ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ପରିମଳ ଓ ସ୍ୱଚ୍ଛତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ କର୍ମଚାରୀ ଓ ଅଧିକାରୀଙ୍କୁ ତାଗିଦ କରିଥିଲେ। ରୋଗୀ, ରୋଗୀଙ୍କ ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ସହ କଥା ହୋଇଥିଲେ। ଡାକ୍ତରଖାନା ପରିସରରେ କାର୍ଯ୍ୟକ୍ଷମ ହେବାକୁ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ଚାଲୁ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, କଣ୍ଟାମାଳ ଡାକ୍ତରଖାନା ଅଧିକାରୀ ଡାକ୍ତର ଜଗଦୀଶ ସେଠି, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରୂପକ ପ୍ରମୁଖ ଉପସ୍ଥିତ ଥିଲେ।

# ଗନ୍ଧରାଡ଼ି ଲୋକକଳା ମହୋତ୍ସବ ଉଦ୍‌ଯାପିତ



**ଜହ୍ନାପଙ୍କ,୧।୨(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଐତିହାସିକ ଗନ୍ଧରାଡି ପୀଠ ନିକଟସ୍ଥ ଜଗତି ହାଇସ୍କୁଲ ପଡିଆରେ ରବିବାରଠାରୁ ଆରମ୍ଭ ହୋଇଥିବା ତୃତୀୟ ଗନ୍ଧରାଡି ଲୋକ କଳା ମହୋତ୍ସବ ଓ ପଲିଶ୍ରୀ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କମିଟି ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପ୍ରାଧାପକ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ଶମ୍ଭୁ ଗିରି ଗନ୍ଧରାଡ଼ି ଲୋକ କଳା ମହୋତ୍ସବ ବିବରଣୀ ପଠନ କରିଥିଲେ। ସଂଗୀତାୟନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଆଦର୍ଶ ଶିକ୍ଷକ ସହଦେବ ବାରିକ, ସ୍ୱପ୍ନେଶ୍ୱର ପ୍ରଧାନ, ଜଗଦୀଶ ବାରିକ, ଚାଷୀ ଗଦାଧର ମହାକୁଳ, ଯୁବ ଚିକିତ୍ସକ ନିରୋଜ ସାହୁ, ସୁଶ୍ରୀ ଦୀପିକା ବଡମାଳି, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, କ୍ରୀଡାବିତ ସୁବ୍ରତ ପୁରୋହିତ, ମୋହନ ସାହୁ, ଶିକ୍ଷାର୍ଥୀ ସୁଦାମ ମେହେର, ଶ୍ରାବଣୀ ନାଏକ, ଲୋପାମୁଦ୍ରା ବେହେରା, ସୁଶ୍ରୀ ପ୍ରିୟଙ୍କା ରଣାଙ୍କୁ ସମ୍ମାନୀତ କରାଯାଇଥିଲା। ଅସୁରଗଡ, ଗଡ଼ଜାତ, ଭୈରବୀ, ବାଉଁସୁଣୀ ଓ ଗନ୍ଧରାଡ଼ି ଲୋକ କଳା ମହୋତ୍ସବ କମିଟିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗନ୍ଧରାଡ଼ି ମହାବିଦ୍ୟାଳୟ, ଗନ୍ଧରାଡ଼ି କଳା ପରିଷଦ, ଜଗତି ହାଇସ୍କୁଲ, କମିରା ସ୍କୁଲ, ଜହ୍ନାପଙ୍କ ହାଇସ୍କୁଲ, ତେଲିବନ୍ଧ ହାଇସ୍କୁଲ, ଗେହ୍ଲା ମା ବୌଦ୍ଧ, ବଡବନ୍ଧ କନ୍ୟାଶ୍ରମ, ଆଶା ଫାଉଣ୍ଡେସନ ଛାତ୍ରଛାତ୍ରୀଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। କଣ୍ଠଶିଳ୍ପୀ ତୃପ୍ତି ମହାରଣା, କୁମାର ଧର୍ମେନ୍ଦ୍ର ପ୍ରଧାନ, ସନ୍ତୋଷ ଦାସ, ସୁଜ୍ଞାନ ବାଘ ପ୍ରମୁଖଙ୍କ ସମ୍ବଲପୁରୀ ଗୀତରେ ମଞ୍ଚ ଦୁଲୁକି ଥିଲା। ବିଶ୍ୱଜିତ ସାହୁ, ଜଗନ୍ନାଥ ସାହୁ, ପ୍ରଭାତ ଜେନା, ବିଦୁସ୍ମିତା ବେହେରା, ବର୍ଷା ନାଏକ ପରିଚାଳନା କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର ଓ ଶବର ସେଠୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାମ୍ଭୋଚ ପଞ୍ଚାୟତରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ହରଭଙ୍ଗା,୧।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସାମ୍ଭୋଚ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମ୍ପିକଟା ଗ୍ରାମଠାରୁ ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଥିବା ଚିତ୍ତରଞ୍ଜନ କର୍ଣ୍ଣ ଶୁଭାରମ୍ଭ କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅକ୍ଷୟ କହଁର, ପୂର୍ବତନ ସରପଞ୍ଚ ନିରାକାର ଭୋଇଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ଘରେ ଘରେ ଶଙ୍ଖ ଚିନ୍ହ ଥିବା ପୋଷ୍ଟର ଲଗାଇଥିଲେ।

# ଶାଳକାଠବୋଝେଇ ଗାଡି ଜବତ

## ୩ ଗିରଫ



**ହରଭଙ୍ଗା/ଚାରିଛକ,୧।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମାଧପୁର ବନ ବିଭାଗ ଏକ ଶାଳ କାଠ ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହ ୩ ଜଣଙ୍କୁ ମଧ୍ୟ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସୁଶାନ୍ତ ବେହେରା, ସୁବ୍ରତ ନାଏକ, ନୀଳକଣ୍ଠ ବେହେରା। ଗାଡ଼ିରୁ ୩୫ଖଣ୍ଡ ଶାଳ କାଠ ଜବତ ହୋଇଥିବା ରେଞ୍ଜର ଆଶିଷ ଦିଗାଲ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବୌଦ୍ଧ,୧।୨(ସମିସ):** ସ୍ଥାନୀୟ ସର୍କିଟ ହାଉସରେ ବୌଦ୍ଧ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଜେ. ସୋନାଲଙ୍କୁ ସ୍ୱାଗତ କରାଯାଇଥିବା ବେଳେ ବିଦାୟୀ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ନୂତନ ଜିଲ୍ଲାପାଳ ଶ୍ରୀ ସୋନାଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ବିଦାୟୀ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର, ଉପ-ଜିଲ୍ଲାପାଳ ରବିନ୍ଦ୍ରନାଥ କହଁର, ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶିବତୁଲା ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ତରଭା,୧।୨(ସମିସ):** ତରଭା ବ୍ଲକ ଶିବତୁଲା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁହାସି ଦଣ୍ଡସେନା ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହା ସହ ବିଦ୍ୟାଳୟ ପରିଚାଳନା କମିଟିକୁ ମଧ୍ୟ ପୁରସ୍କୃତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ବରିଷ୍ଠ ଶିକ୍ଷକ ଦିବ୍ୟରଞ୍ଜନ ବିଭାର ଓ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନିଆଲି ଏହି ସମ୍ମାନ ଗ୍ରହଣ କରିଥିଲେ।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ବୌଦ୍ଧ,୧।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ୮ ଦିନିଆ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବୌଦ୍ଧ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଆୟୋଜିତ ଏହି ଶିବିରରେ ତାଲିମ ଦାତା ଭାବରେ ରୋଜାଲିନ ରାଜହଂସ ଏବଂ ପ୍ରୀତି ସ୍ୱରୂପା ଭୋକ୍ତା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ତହସିଲଦାର ଅନିତା ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ କେବେ ବି ଭୟଭୀତ ନ ହେବାକୁ ଏବଂ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଦୃଢ ଭାବେ ମୁକାବିଲା କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରାଶାସନିକ ସେବା ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ଛାତ୍ରୀମାନଙ୍କୁ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହ ଏହି ତାଲିମ ସେମାନଙ୍କୁ ବହୁ ସହଯୋଗ କରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଶାରୀରିକ ବଳଠାରୁ ମାନସିକ ବଳ ଅଧିକ ଶକ୍ତିଶାଳୀ ବୋଲି କହିଥିଲେ। ଡ. ପ୍ରବୀର ଦାସ ପରିଚାଳନା କରିଥିଲେ। ଅଧ୍ୟାପିକା କରିସ୍ମା ସେଠି, ଅଧ୍ୟାପିକା ମମତା ନାୟକ, ଅଧ୍ୟାପକ ତ୍ରିନାଥ ରଣା ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବସନ୍ତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଘଣ୍ଟାପଡ଼ା ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଶଗଡା,୧।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକଙ୍କଠାରୁ ପ୍ରଧାନ ଶିକ୍ଷକ ପିତବାସ ପଣ୍ଡା ରାଜ୍ୟସ୍ତରୀୟ ଉତ୍ତମ ପ୍ରଧାନ ଶିକ୍ଷକ ପୁରସ୍କାର ଗ୍ରହଣ କରିଛନ୍ତି। ସେହିଭଳି ଏହି ହାଇସ୍କୁଲକୁ ରାଜ୍ୟସ୍ତରୀୟ ଉତ୍ତମ ମାଧ୍ୟମିକ ସ୍କୁଲ ପୁରସ୍କାର ମିଳିଛି। ବିଦ୍ୟାଳୟ ପରିଚାଳନା କମିଟିକୁ ରାଜ୍ୟସ୍ତରୀୟ ଉତ୍ତମ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର ପ୍ରଦାନ କରାଯାଇଛି। ବିଜ୍ଞାନ ଶିକ୍ଷକ ଆକାଶ ମେହେରଙ୍କୁ ଜିଲ୍ଲାସ୍ତରୀୟ ଶିକ୍ଷକ ପୁରସ୍କାର ଓ ଦଶମ ଶ୍ରେଣୀରେ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ସାଗର ମଲିକଙ୍କୁ ଉତ୍ତମ ଛାତ୍ର ପୁରସ୍କାର ମିଳିଛି। ଏହି ପୁରସ୍କାର ଗ୍ରହଣ ସମୟରେ ପରିଚାଳନା କମିଟି ସଦସ୍ୟ ଶ୍ରୀପତି ମଲିକ, ସହକାରୀ ଶିକ୍ଷକ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିନିକା ସାମ୍ବାଦିକ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର



**ବିନିକା,୧।୨(ସମିସ):** ବିନିକା ସହର ସମେତ ବ୍ଲକ ଅଞ୍ଚଳରେ ଆଇନ ଶୃଙ୍ଖଳାର ଉନ୍ନତି ପାଇଁ ବିଭିନ୍ନ ସମସ୍ୟାର ସମାଧାନ ନେଇ ବିନିକା ସାମ୍ବାଦିକ ସଂଘ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ନୂତନ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ସୃଜନ ପଣ୍ଡା, ଉପ ସଭାପତି ଅଶୋକ ପଣ୍ଡା, ଦଧିବାମନ ନାୟକ, ଶାନ୍ତନୁ ପଣ୍ଡା, ରାମ ଗୋପାଳ ବାଘ, ମିଥୁନ ବାରିକ, ହିମାଂଶୁ ଶେଖର ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟାମାଳ ପଞ୍ଚାୟତ ସମିତି ବୈଠକ

**ଶଗଡ଼ା,୧।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ସଭାଗୃହରେ କଣ୍ଟାମାଳ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ପ୍ରେମରାଜ ରଣା, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ଓ ପଦ୍ମାଳୟା ପ୍ରଧାନଙ୍କ ସମେତ ବ୍ଲକର ୨୪ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟା, ଅଂଶ ଗ୍ରହଣ କରିଥିଲେ। ବିଡ଼ିଓ ସାମି ଜୟଶ୍ରୀ ରେ‡ୀଙ୍କ ସମେତ ଏଥିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ବ୍ଲକ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଜ୍ୟୋତିଷ ଠଣସୁନ୍ଦର ପାଣିଗ୍ରାହୀଙ୍କ ପରଲୋକ



**ତରଭା,୧।୨(ସମିସ):** ତରଭା ନୂଆପଡା ଛକରେ ରହୁଥିବା ବିଶିଷ୍ଟ ଜ୍ୟୋତିଷ ଠଣସୁନ୍ଦର ପାଣିଗ୍ରାହୀ (୬୭) ଆଉ ନାହାନ୍ତି। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୁଜିତ ମୁଖାଗ୍ନି ଦେଇଥିଲେ। ଠଣସୁନ୍ଦର ତରଭା ହାଇସ୍କୁଲରୁ ନବମ ଶ୍ରେଣୀରୁ ପାଠପଢା ଛାଡିଥିଲେ ହେଁ ଘରୋଇ ଭାବେ ମ୍ୟାଟ୍ରିକ, ଆଇଏ, ବିଏ, ଏମଏ କରିବା ପରେ ଏଲଏଲବି କରିଥିଲେ। ସେ ଜ୍ୟୋତିଷ ଶାସ୍ତ୍ର ପ୍ରତି ଗଭୀର ରୁଚି ରଖୁଥିବାରୁ ଏହାକୁ ପେଶା ଭାବେ ଗ୍ରହଣ କରି ବେଶ ଲୋକପ୍ରିୟ ହୋଇପାରିଥିଲେ।

# ମା ଭୈରବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ହରଭଙ୍ଗା,୧।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ହାଇସ୍କୁଲ ପଡିଆରେ ଚାଲିଥିବା ମା' ଭୈରବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚ

## ପୁରୁଣା କଟକ ଚାମ୍ପିଅନ

ଯୁବରାଜପୁର ଓ ପୁରୁଣାକଟକ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ପୁରୁଣାକଟକ ନିର୍ଦ୍ଧାରିତ ସମୟରେ ୧୫ ଓଭରରେ ୭ ୱିକେଟ ହରେଇ ୧୪୩ ରନ୍ କରିଥିଲା। ପ୍ରତିବଦଳରେ ଯୁବରାଜପୁର ୧୪.୪ଓଭରରେ ସମସ୍ତ ୱିକେଟ ହରେଇ ୧୨୧ ରନ୍ କରିଥିଲା। ଅତିଥି ଭାବେ ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଅଶୋକ ଅଗ୍ରୱାଲ, ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଯୁଗଳ କିଶୋର ସାମଲ, ଭୈରବୀ କ୍ଲବ୍ ସଭାପତି ଅକୁର ସେଠି ପ୍ରମୁଖ ମଞ୍ଚାସୀନ ଥିଲେ।

# 'ସମୃଦ୍ଧି' ପ୍ରଶିକ୍ଷଣ ଉଦ୍‌ଯାପିତ



**ହରଭଙ୍ଗା,୧।୨(ସମିସ):** ସରସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୀରନରସିଂହପୁର, ରାଧାନଗର, ତାଳବାହାଲ, ସରସରା, ବାଣୀଭୂଷଣପୁର ଓ ହରେକୃଷ୍ଣପୁର କ୍ଲଷ୍ଟରରୁ ଚୟନ ହୋଇଥିବା ୫୨ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ୩୦ତାରିଖରୁ ଆରମ୍ଭ ହୋଇଥିବା "ସମୃଦ୍ଧି' ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଛି। ଶିକ୍ଷକ ବିଜୟ ସାହୁ, ବନ୍ଧାପଥରର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଳ, ତାଳବାହାଲ ସିଆରସିସି ଶ୍ରୀଧର ନାୟକ, ସରସରା ସିଆରସିସି ଶ୍ରୀବନ୍ତ ନାଏକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଓ ଅଖିଳ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସରସରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସଞ୍ଚାଳକ ଶ୍ରୀବନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କୁ ଭେଟିଲେ ନୂଆ ଜିଲ୍ଲାପାଳ



**ହରଭଙ୍ଗା,୧।୨(ସମିସ):** ବୌଦ୍ଧ ନୂତନ ଜିଲ୍ଲାପାଳ ଜେ. ସୋନାଲ ହରଭଙ୍ଗା ବ୍ଲକର ଉପାନ୍ତ ତଥା ଆଦିମ ଅଧିବାସୀ ଅଞ୍ଚଳ ମହାଲିକପଡା ପଞ୍ଚାୟତ ଗସ୍ତ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନା ଗମନ, ଭତ୍ତା, ଟେଲି ସେବା ଭଳି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କୁଟୀବାରୀ, ହିଞ୍ଜଳରେ ଜନସାଧାରଣଙ୍କ ସାଧାରଣ ସମସ୍ୟା ପଚାରି ବୁଝିବା ସହ ନାରୀଶକ୍ତିଙ୍କ ସହ ଆଲୋଚନା କରିଥିଲେ। ସାତଖଣ୍ଡସ୍ଥିତ ୧୦୦ଶଯ୍ୟା ବିଶିଷ୍ଟ ଜାତି ଓ ଜନଜାତି ଛାତ୍ରୀ ନିବାସ ପରିଦର୍ଶନ କରି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ବିଭାଗ ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଗୃହ ଆଦି ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଡ଼ିଓ ଓ ଅନ୍ୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଓ ହରଭଙ୍ଗା ବ୍ଲକ ବିଡ଼ିଓ ସ୍ୱପ୍ନିତା ନାଏକ ଓ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପିତ





**ହରଭଙ୍ଗା/ଚାରିଛକ,୧।୨(ସମିସ):** ହରଭଙ୍ଗା ହାଇସ୍କୁଲ ଖେଳପଡିଆଠାରେ ୫ ଦିନ ଧରି ଚାଲିଥିବା ହରଭଙ୍ଗା ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା, ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ମହୋତ୍ସବ କମିଟିର ଆବାହକ ହିମାଂଶୁ ଶେଖର ରାଉତ, ଉପଦେଷ୍ଟା ପ୍ରଦୀପ ସାହୁ, ସଭାପତି ସୁବୋଧ ପ୍ରଧାନ ଓ ସମ୍ପାଦକ ସରୋଜ ଭୋକ୍ତା ମଞ୍ଚାସୀନ ଥିଲେ। ଆଞ୍ଚଳିକ ପଚାୟତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବନମାଳୀ ରଣା ସଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଜୀବ ସାହୁ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ସଦସ୍ୟ ପ୍ରଦୀପ ନାଏକ, ନରୋତ୍ତମ ପ୍ରଧାନ, ଶ୍ରୀକାନ୍ତ ସେଠି, ମାନ ଭଂଜନ ନାଏକ, ନଟବର ପ୍ରଧାନ, ଲିଙ୍କନ ପଳିଆ, ବବଲୁ ଖଡ଼ିରତ୍ନ, ବିକାଶ ବେହେରା, ସୁଧୀର ଦୀପ, ଶୁଭ ଶଙ୍କର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସିଂ, ସଂଗ୍ରାମ ବେହେରା, ପ୍ରମୋଦ ପ୍ରଧାନ, ପ୍ରମୋଦ ଖମାରି, ସୁରେଶ ନାଏକ, ପ୍ରଫୁଲ୍ଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମାଓବାଦୀ ପ୍ରବଣ ଅଞ୍ଚଳରେ ତିଆରି ହେଉଛି ଗ୍ରାମ୍ୟ ହାଟ

## ଏଣିକି ବନବାସୀଙ୍କୁ ସହଜ ହେବ ବଜାର ବ୍ୟବସ୍ଥା

**ନୂଆପଡ଼ା/ବୋଡେନ, ୧।୨(ସମିସ)**

ନୂଆପଡ଼ା ଜିଲ୍ଲାର ଉପାନ୍ତ ତଥା ମାଓବାଦୀ ପ୍ରବଣ ଗାଁ ଗୁଡିକରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଥିବା ଲକ୍ଷ୍ୟ କରି ସରକାର କିଣାବିକା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଗାଁ ହାଟ (ସ୍ମାର୍ଟ ବଜାର) ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହି କ୍ରମରେ ନୂଆପଡ଼ା ଜିଲ୍ଲା ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ପାଟଦର୍ହା ଭଳି ଦୁର୍ଗମ ଅଞ୍ଚଳରେ ସରକାର ଗାଁ ହାଟ ବ୍ୟବସ୍ଥା ହାତକୁ ନେଇଛନ୍ତି। ନୂଆପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଡ଼ିଓଙ୍କ ଉଦ୍ୟମ କ୍ରମେ ହାଟ ତିଆରି କାମ ଶେଷ ହେବା ଉପରେ। ଏହାକୁ ନେଇ ଗ୍ରାମବାସୀ ଖୁସି ପ୍ରକଟ କରୁଛନ୍ତି।



ବୋଡେନ ବ୍ଲକ ସଦରମହକୁମାଠାରୁ ୧୨/୧୩ କିମି ଦୁର୍ଗମ ଜଙ୍ଗଲ ଭିତରେ ରହିଛି ପାଟଦର୍ହା ଗାଁ। ଭଇଁଷା ଦାନୀ ପଞ୍ଚାୟତର ବଡ଼ ଗାଁ। ଏହି ଗାଁ ଉପରେ ଉପତ୍ୟକାର କୋପଟିଆମ, ଗର୍ଜନପାନି, ଧୋବ ଘାଟ ଭଳି ଛୋଟ ବଡ଼ ଗାଁର ଅଧିବାସୀ ନିର୍ଭର କରି ଚଳିଥାନ୍ତି। ଏମାନଙ୍କ ଜୀବନ ଜୀବିକା କହିଲେ ବନ୍ୟଜାତ ଦ୍ରବ୍ୟ ମହୁଲ, ଚାର ସହ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ। ଏସବୁ ପାଇଁ ମଧ୍ୟ ଉଚିତ ବଜାର ବ୍ୟବସ୍ଥା ନ ଥିବାରୁ ଲୋକେ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ଏହିଭଳି ପନିପରିବା, କପଡ଼ା ସହ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଦୂର ଦୂରାନ୍ତ ବଜାର ଉପରେ ନିର୍ଭର କରିବାକୁ ହୋଇଥାଏ। ଏଣିକି ବଜାର ହେବା ପରେ ଲୋକେ ସବୁ ଜିନିଷ ହାତ ପାଆନ୍ତାରେ ପାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ଗମନାଗମନର ସୁବିଧା ନ ଥିଲା ହେଲେ ବର୍ତ୍ତମାନ ସ୍ଥାୟୀ ରାସ୍ତା ନିର୍ମାଣ ହେଲା। ବିଡିଓ ପ୍ରିୟରଞ୍ଜନ କୁମାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, କନିଷ୍ଠ ଯନ୍ତ୍ରୀ ଯୋଗେଶ୍ୱର ନାଏକ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡ଼ା, ଜିପିଇଓ ପ୍ରଫୁଲ୍ଲ ନାଏକ, ସିପି ସରୋଜ ପ୍ରଧାନ ପ୍ରତି ଉପାନ୍ତ ଅଞ୍ଚଳର ବିକାଶ ଦିଗରେ ଅଣ୍ଟା ଭିଡ଼ିଛନ୍ତି। ଦୁର୍ଗମ ଅଞ୍ଚଳ ସତ୍ତ୍ୱେ ପାଟଦର୍ହାକୁ ଗସ୍ତ କରି ବଜାର ନିର୍ମାଣ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପରେ ବ୍ଲକ ଅଧ୍ୟକ୍ଷାଙ୍କୁ ଭବ୍ୟ ସ୍ୱାଗତ

**ନୂଆପଡ଼ା, ୧।୨(ସମିସ):** ସରକାରଙ୍କ ୫-ଟି ଯୋଜନାର ସଫଳ କାର୍ଯ୍ୟକାରିତା ସହ ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହେତୁ ନୂଆପଡ଼ା ବ୍ଲକ ରାଜ୍ୟର ଶ୍ରେଷ୍ଠ ବ୍ଲକ ଭାବେ ଅଭିହିତ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ପୁରସ୍କୃତ ହୋଇଛନ୍ତି। ଗୁରୁବାର ପ୍ରତ୍ୟାବର୍ତ୍ତନ କରିବା ପରେ ବ୍ଲକ ଅଧ୍ୟକ୍ଷା ଙ୍କୁ ସ୍ଥାନୀୟ



ରେଳ ଷ୍ଟେସନ, ଏକତା ଛକ ଏବଂ ବ୍ଲକ କାର୍ଯ୍ୟାଳୟରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନୂଆପଡ଼ା ବ୍ଲକ ତରଫରୁ ସମସ୍ତ ସମିତି ସଭ୍ୟସଭ୍ୟା, ସରପଞ୍ଚମାନେ ଠୁଳ ହୋଇଥିଲେ। ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ସମିତି ସଭ୍ୟ ରାଧେ ବାଗ, ଗୋଲୁ ଚନ୍ଦ୍ରକାରଙ୍କ ନେତୃତ୍ୱରେ କର୍ମକର୍ତ୍ତା ସ୍ୱାଗତ କରିଥିଲେ। ଏହା ପରେ ତାଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ନୂଆପଡ଼ା ଏକତା ଛକ ଯାଏଁ ପାଛୋଟି ନିଆଯାଇଥିଲା। ଛକରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ତାରେଶ୍ୱରୀ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିରେ ମଧ ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ଏହିଭଳି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ବିପିନ ବିହାରୀ ଦୀପ ବ୍ଲକ କର୍ମଚାରୀମାନଙ୍କ ସହ ମିଶି ବ୍ଲକ ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମରାଜ ନାଏକ, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ରାଧେଶ୍ୟାମ ବାଗ, ନୀଳକମଳ ଚନ୍ଦ୍ରକାର, ରବି ବାଗ, ଚୁରନଲାଲ ମାଝୀ, ଚିନିଲାଲ ସାହୁ, ସାରାବଙ୍ଗ ସମିତି ସଭ୍ୟା ଜାଗୃତି ସାହୁ, କୋଦୋମେରୀ ସରପଞ୍ଚ ମମତା ପୁଞ୍ଜି, ଅମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, କେନ୍ଦୁବାହାରା ସରପଞ୍ଚ ଉଦ୍ଧବ ମାଝୀ, ନମିତା ବିଶ୍ୱାଳ, ବାସୁମତି ଶବର, ଗୌରୀ ଚୌହାନ, ସିଆରସିସି ଶରତ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଶେଷରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ତାଙ୍କ ନିବାସ କାର୍ଯ୍ୟାଳୟକୁ ଯାଇ ଅଧ୍ୟକ୍ଷା ଭେଟିଥିଲେ। ଏହି ଅବସରରେ ମନ୍ତ୍ରୀ ଢୋଲକିଆ ନୂଆପଡ଼ା ଭଳି ଏକ ଉପାନ୍ତ ବ୍ଲକୁ ସାରା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ।

# କନରପାସ୍‌ରେ 'ଅମୃତ ମାତୃ ସେବା'




**ଥୁଆମୂଳ ରାମପୁର, ୧।୨(ସମିସ):** ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ଏବଂ ଇନ୍ଦ୍ରାବତୀ ପ୍ରଡ୍ୟୁସର ଗ୍ରୁପ୍ ଦଳଗୁଡାର ମିଳିତ ଆନୁଆନୁକୂଲ୍ୟରେ ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଦୁର୍ଗମ ଗାଁ କନରପାସ୍‌ଠାରେ ଅମୃତ ମାତୃ ପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଡ୍ରି ସରପଞ୍ଚ ନନ୍ଦାଏ ମାଝୀ ଏବଂ ସମ୍ମାନିତ ଅତିଥି ଭାବରେ ଦେବାଶିଷ ପଣ୍ଡା, ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ରହି କନରପାସ୍ ସମେତ କେନ୍ଦୁମୁଣ୍ଡି, ମୁସ୍କୁଟା ଏବଂ ଚିର୍କା ଗ୍ରାମର ଶତାଧିକ ଅସହାୟ ବୃଦ୍ଧବୃଦ୍ଧା ଏବଂ ବିଧବାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ବିଧବା ଓ ପଛୁଆ ବର୍ଗ ଜନସାଧାରଣ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ ପ୍ରତ୍ୟେକ ଯୋଜନାରେ କିପରି ନିଜର ଭାଗିଦାରୀ ରଖହେବ ସେ ନେଇ ସଚେତନତା ଜରୁରୀ ବୋଲି ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜୀବ ଠାକୁର, ଉପେନ୍ଦ୍ର ନାଏକଙ୍କ ସମେତ ଇନ୍ଦ୍ରାବତୀ ପ୍ରଡ୍ୟୁସର ଗ୍ରୁପ୍‌ର ସଦସ୍ୟ ସହଯୋଗ କରିଥିଲେ।

# ବୁଦେଲପଦର ସାମୂହିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି

**ଭବାନୀପାଟଣା, ୧।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସର୍ଗିଗୁଡା ପଞ୍ଚାୟତ ଅଧୀନ ଅବହେଳିତ ତଥା ସମସ୍ୟା ବହୁଳ ବୁଦେଲପଦର୍ ଗ୍ରାମର ସାମୂହିକ ସମସ୍ୟା ସମାଧାନ କରାଯିବ। ବିଜେଡି ନେତା ଚିତ୍ତରଞ୍ଜନ ମଣ୍ଡଳ ଗାଁକୁ ଗସ୍ତ କରି ଲୋକଙ୍କୁ ଏହି ଭରସା ଦେଇଛନ୍ତି।



ଗ୍ରାମର ବିଭିନ୍ନ ସମସ୍ୟା ଯଥା ରାସ୍ତା ଘାଟ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ସେ ଅବଗତ ହୋଇଥିଲେ। ଜିଲ୍ଲା ପ୍ରଶାସନର ସହଯୋଗରେ ସମାଧାନ କରାଯିବ ବୋଲି ଶ୍ରୀ ମଣ୍ଡଳ ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ପ୍ରଦାନ କରିଛନ୍ତି। ବୁଦେଲପଦର୍‌ଠାରୁ ତୁଳା ଗାଁ ଓ ବେହେରାପାଟି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ସମସ୍ୟା ଦୂର କରାଯାଇପାରିବ ବୋଲି ମତ ପ୍ରକାଶ କରିଛନ୍ତି। ବୁଦେଲପଦର୍ ଗ୍ରାମର ୱାର୍ଡସଭ୍ୟା ସୂର୍ଯ୍ୟକାନ୍ତୀ ମାଝୀ, ସର୍ଗିଗୁଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କୁମୁଦ ଚନ୍ଦ୍ର ନାଏକ, ଶତ୍ରୁଘ୍ନ ସେନାପତି, ବରିଷ୍ଠ ନାଗରିକ ଗଜିନ୍ଦ୍ର ପଧାନ ଓ ଦୟା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ପୋଷାକ ଟଙ୍କା ମିଳୁନି

**ମ.ରାମପୁର, ୧।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଗୋଷ୍ଠୀ ଶିକ୍ଷା ବିଭାଗରେ ଏକ ବ୍ୟତିକ୍ରମ ଦେଖା ଦେଇଛି। କଳାହାଣ୍ଡି ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ବାବଦକୁ ସମ୍ପୂର୍ଣ୍ଣ ଅର୍ଥ ୧୦୦୦ ଟଙ୍କା ମିଳି ସାରିଥିବା ବେଳେ ମ.ରାମପୁର ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ତେବେ ୨୦୨୩ ମସିହା ପାଇଁ ପ୍ରତି ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୋଟିଏ କିସ୍ତିରେ ୬୦୦ ଟଙ୍କା ଓ ପରବର୍ତ୍ତୀ କିସ୍ତିରେ ୪୦୦ ଟଙ୍କା ହିସାବରେ ସମୁଦାୟ ୧୦୦୦ ଟଙ୍କା ଦେବାର ବ୍ୟବସ୍ଥା ଚଳିତ ବର୍ଷଠାରୁ ଆରମ୍ଭ ହେଇଛି। ପୂର୍ବରୁ ଏହି ଅର୍ଥ ୪୦୦ ଟଙ୍କା ରହିଥିବା ବେଳେ ଚଳିତ ବର୍ଷ ଏହି ଅର୍ଥ ୧୦୦୦କୁ ବୃଦ୍ଧି ହେଇଛି। ତେବେ ମ.ରାମପୁର ବ୍ଲକରେ ଥିବା ୧୬୭ଟି ବିଦ୍ୟାଳୟରେ ଅଧ୍ୟୟନ ଛାତ୍ରଛାତ୍ରୀଙ୍କୁ ଅଗଷ୍ଟରେ ୬୦୦ ଟଙ୍କା (ଏସଏନ୍‌ଏ) ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଯୁଗ୍ମ ପାଶ୍‌ବହିରେ ଜମା ହେଇଥିବା ବେଳେ ବକେୟା ୪୦୦ ଟଙ୍କା ପାଇଁ ଆଉ ଏକ ସ୍ୱତନ୍ତ୍ର ପାଶ୍ ବହି ଖୋଲିବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହି ସ୍ୱତନ୍ତ୍ର ପାଶ୍‌ବହିରେ କିନ୍ତୁ ୨୦୨୩ ଅଗଷ୍ଟ ଯାଇ ୨୦୨୪ ଫେବୃଆରୀ ମାସ ଆସି ସାରିଲାଣି ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ବାବଦକୁ ବକେୟା ୪୦୦ ଟାଙ୍କ ପଡ଼ିଲା ନାହିଁ। ଏ ନେଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷା ବିଭାଗର ଅବହେଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଭୂତି ଭୂଷଣ ପ୍ରହରାଜ କଳାହାଣ୍ଡି ଜିଲ୍ଲାର ଅନ୍ୟ ୧୨ ବ୍ଲକରେ ଏହି ଅର୍ଥ ପଡ଼ି ସାରିଥିବା ବେଳେ କେବଳ ମ.ରାମପୁର ବ୍ଲକରେ ଏହାର ବ୍ୟତିକ୍ରମ ଓ ନିନ୍ଦନୀୟ ବୋଲି କହିଛନ୍ତି। ସ୍ୱତନ୍ତ୍ର ପାଶ୍ ବହି ଖୋଲି ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରିବା ସହ ପାଶ୍ ବହି ଖୋଲିବା ଦିଗରେ ଯତ୍ନବାନ ହେବା କଥା। ଯଦି ଏହି ସମସ୍ୟା ପାଇଁ ଅର୍ଥ ପଡ଼ିବାର ପ୍ରତିବନ୍ଧକ ହେଉଛି ତେବେ ପାଶ୍ ବହି ଖୋଲା ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ କାହିଁକି ଏହି ସମସ୍ୟା ପାଇଁ ଅବହେଳିତ ହେବେ ବୋଲି କହିଛନ୍ତି। ଏ ନେଇ ମ.ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୀତା ମହାନ୍ତିଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ସୁଦ୍ଧା ତାଙ୍କୁ ଯୋଗାଯୋଗ କରିବା ସମ୍ଭବ ହେଇ ନ ଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସେନ ନିଆଲ୍ ଏଭଳି ହେଇଥିବା ସ୍ୱୀକାର କରି ମାସେ ମଧ୍ୟରେ ଟଙ୍କା ଆସିଯିବ ବୋଲି କହିଛନ୍ତି। ତେବେ ଶିକ୍ଷା ବିଭାଗର ଏହି ଅବହେଳା ପାଇଁ ଛାତ୍ରଛାତ୍ରୀ ୬ ମାସ ପରେ ମଧ ସମ୍ପୂର୍ଣ୍ଣ ପୋଷାକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧।୨(ସମିସ):** ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ 'ଉନ୍ମେଷ' ମହାଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶଚନ୍ଦ୍ର ନିଶଙ୍କଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ସଦର ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡ. ରବୀନ୍ଦ୍ର ମିଶ୍ର ଯୋଗ ଦେଇଥିଲେ।




ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର, ପୂର୍ବ ପ୍ରଧାନ ଶିକ୍ଷକ ବବ୍ରୁବାହନ ପ୍ରଧାନ, ସରପଞ୍ଚ ରୀନା ରାଣୀ ଜାଲ, ଚିତ୍ରଶିଳ୍ପୀ ମୁକୁନ୍ଦ ରେଞ୍ଜୀ ମଞ୍ଚାସୀନ ଥିଲେ। ଶିକ୍ଷକ ବିରଞ୍ଚି ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଶିଖାରାଣୀ ମହାପାତ୍ର ଓ କିରଣ ତାଣ୍ଡି କରିଥିଲେ ମଞ୍ଚ ସଂଯୋଜନା କରିଥିଲେ। ସ୍କୁଲ ପରିଚାଳନା ଓ ଉନ୍ନୟନ କମିଟିର ସଦସ୍ୟ ରୋଶନଲାଲ ଛତର, ଯୁଧିଷ୍ଠିର ଜାଲ, ଶିକ୍ଷକ ଆଶୁତୋଷ ପଧାନ, ଦୀପ୍ତିମୟୀ ରଣା, ବନ୍ଦନା ଭୋଇ, ପ୍ରତିମା ଭୋଇ, ସୌମ୍ୟା ମାଧୁରିମା, ସାଗର ହରପାଲ୍, ଯୁଗଳ ଚରଣ ସାହୁ, ମନୋଜ ଶବର, ସୁଜିତ୍ ସାହୁ, ଅଭିଳାଷ ପଣ୍ଡା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରଞ୍ଚି ଜାଲ, ବିଜୟ ଦାସ, ଯାଜ୍ଞସେନ ମାଝୀ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହାୟତା କରିଥଲେ। ବିଦ୍ୟାଳୟର ମାଟ୍ରିକ ଟପ୍ପର ଈଶିତା ବିଶ୍ୱାଳ ଓ ଯୁବରାଜ ଛୁରାଙ୍କୁ ହରିହର ରଥ ସ୍ମାରକୀ ସ୍ମୃତି ପୁରସ୍କାରରେ ପୁରସ୍କୃତ କରାଯାଇଥଲା। ଶିକ୍ଷକ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମଏନପୁରେନ୍ ଦେବୀଙ୍କ ରତ୍ନମୁଦ ଉତ୍ସବ

**ସିନାପାଲି, ୧।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘାଟମାଳ ପଞ୍ଚାୟତ ଯୋଗଭଟ୍ଟାର ଆରାଧ୍ୟା ତଥା ଆଶା ଓ ଭରସାର ପ୍ରତୀକ ମା' ମଏନପୁରେନ ଦେବୀଙ୍କ ରତ୍ନମୁଦ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଭକ୍ତରାମ ମାଝି, ମେଘନାଦ ଖର୍ସେଲ, ପ୍ରସନ୍ନ ମାଝି, ଦୁର୍ବଳ ମାଝି, ତୁଳସୀ ମାଝି, ଗିରିରାଜ ମାଝି, ଭୁବନେ ମାଝି, ଗଣେଶ ମାଝି, ରୁଦ୍ର ସିଂ ମାଝି, ଅମର ମାଝି, ହନୁରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଅଧିକାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ତାଲିମ

**ଭବାନୀପାଟଣା, ୧।୨(ସମିସ):** ରାୟଗଡ଼ା ତଥା କଳାହାଣ୍ଡି ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ସଂସ୍ଥା ଶକ୍ତି ଅନୁଷ୍ଠାନ ତରଫରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକର ଗ୍ରାମ ମୁଖିଆ, ମନ୍ଦିର ପୂଜକ, ପଞ୍ଚାୟତ ପ୍ରତିନିଧି, ମିଶନଶକ୍ତିର ମହିଳାମାନଙ୍କୁ ନେଇ ସ୍ଥାନୀୟ ଆମ୍ବେଦକର ଭବନଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା ଓ ଶିଶୁ ଶ୍ରମିକ ପ୍ରଥାକୁ କିଭଳି ବନ୍ଦ କରାଯାଇ ପାରିବ ସେ ବିଷୟରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଶପଥ ନେଇଥିଲେ। ମୁଖ୍ୟଅତିଥି ଭାବେ ଶକ୍ତି ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସୁଜିତ ସେନ ଯୋଗ ଦେଇଥିବାବେଳେ ଶକ୍ତି ଅନୁଷ୍ଠାନର ଏସ. ସୁଜାତା, ଡେଭିଡ ନିଆଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଚନ୍ଦ୍ରା ଜାଲ, ସ୍ୱପ୍ନା ଧଙ୍ଗଡାମାଝୀ, ବାଳକୃଷ୍ଣ ମଲିକ, ନିରାକାର ଦୁର୍ଗା, ଶରତ ବାଣୁଆ ପରିଚାଳନାରେ ସହଯୋଗ କରିଥିଲେ।

# ଉଦନ୍ତୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ସିନାପାଲି, ୧।୨(ସମିସ):** ନୂଆପଡ଼ା ଜିଲ୍ଲାର ଅନ୍ୟତମ ସାଂସ୍କୃତିକ ପରିଚୟ ସିନାପାଲି ମାଟିର କଳା, ସାହିତ୍ୟ ଓ ପରମ୍ପରାର ପର୍ବ ଉଦନ୍ତୀ ମହୋତ୍ସବ-୨୦୨୪ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ନେଇ ସିନାପାଲି ପଞ୍ଚାୟତ ସମିତି ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେରଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ଆୟୋଜକ କମିଟି ଗଠନ କରାଯାଇଛି। ମାର୍ଚ୍ଚ ୧୫, ୧୬ ଓ ୧୭ରେ ଏହି ମହୋତ୍ସବ ଆୟୋଜିତ ହେବ। ଚଳିତ ବର୍ଷ ମହୋତ୍ସବ କମିଟିର ସଭାପତି ଭାବେ ନୀଳମଣି ମେହେର, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଯୋଷୀ ଓ ସାଧାରଣ ସଂପାଦକ ଭାବେ ବୈଷ୍ଣବ ମେହେରଙ୍କୁ ମନୋନିତ କରାଯାଇଛି। ସେହିପରି କମିଟିର ଉପସଭାପତି ଭାବେ ଶଶିଭୂଷଣ ମାଝୀ, ପ୍ରଦୀପ ଜୈନ, ଲିଙ୍ଗରାଜ ଘିଭେଲା, ପ୍ରିୟରଞ୍ଜନ ମେହେର, ସୁବ୍ରତ ଠାକୁର, ଅଜିତ ଯୋଷୀ, ରାକେଶ ମେହେର ଓ ସହ ସଂପାଦକ ଭାବରେ ମନିଷ ପଟେଲ, ଜିତୁ ମେହେର, ଦିବ୍ୟରଞ୍ଜନ ନାଏକ, ସୂରଜ ମେହେର, ରଜନୀ ମାଝୀ, ଅଲୋକ ମେହେର, ଜଗନ୍ନାଥ ସାଗର, ପ୍ରବୀଣ ମେହେର, ସାନୁର୍ଯ୍ୟ ମେହେର, ମଧୁ ମାଝୀ, ସଞ୍ଜୀବ ମେହେର, ନରେଶ ମାଝୀ ପ୍ରମୁଖ ରହିଛନ୍ତି। ମହୋତ୍ସବର ଉପଦେଷ୍ଟା ଭାବେ ସାଂସଦ ବସନ୍ତ ପଣ୍ଡା ଓ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସହ ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ହୃଦାନନ୍ଦ ମାଝୀ, ନାରାୟଣ ପାତ୍ର, ତୁଳସୀରାମ ମେହେର, ହୃଷିକେଶ ମେହେର, ଅରିଗଞ୍ଜନ ଯୋଷୀ, ନନ୍ଦକୁମାର ପାତ୍ର, ବାମଦେବ ଦାଶ ଓ ସତୀଶ ଯୋଷୀଙ୍କୁ ଚୟନ କରାଯାଇଛି।

# ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନତା ସଭା

**ଜୁନାଗଡ଼,୧।୨(ସମିସ):** ସ୍ଥାନୀୟ କୋର୍ଟ ପରିସରରେ ତାଲୁକା ଲିଗାଲ ସର୍ଭିସ କମିଟି ତରଫରୁ ଏକ ସଚେତନତା ସଭା ସାମ୍ବିଧାନିକ କର୍ତ୍ତବ୍ୟ ଓ ଅଧିକାର ଉପରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅଶୋକ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଲୁକା ଲିଗାଲ ସର୍ଭିସ ଚେୟାରମ୍ୟାନ ସିଭିଲ ଜଜ ସିକୁନ ରାୟ ଓ ନ୍ୟାୟାଧିକାରୀ ତଥା ଜେଏମଏଫସି ସିଓନା ସିଦ୍ଧାର୍ଥ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଓକିଲ ସଂଘର ସମସ୍ତ ସଦସ୍ୟ ଓ ଜୁନାଗଡ଼ ଥାନାର ଅଫିସର ଓ କର୍ମଚାରୀ ଯୋଗ ଦେଇଥିଲେ। ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସମସ୍ତ ନାଗରିକ ଦେଶ ପ୍ରତି ଓ ସମାଜ ପ୍ରତି ନିଜର କର୍ତ୍ତବ୍ୟ ଯାହା ସମ୍ବିଧାନରେ ଲେଖା ହୋଇଛି ସେ ବିଷୟରେ ସଚେତନ ହେବା ଓ ସମାଜର ସମସ୍ତଙ୍କୁ ସଚେତନ କଲେ ଦେଶର ଉନ୍ନତି ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଓକିଲ ମଦନ ମୋହନ ସାହୁ, ଉପସଭାପତି ରମେଶ ନାଏକ, ଅଶୋକ ପଣ୍ଡା, ଧନେଶ୍ୱର ନାଏକ କୈଳାସ ଚୌଧୁରୀ ଜୟଦେବ ସୁନାନୀ, ନୀଳକଣ୍ଠ ମିଶ୍ର, ମିଳାପ ଜୈନ, ତାପସ ସାହୁ, ମନିଷ ପଣ୍ଡା, କାମାକ୍ଷା ବାଗ ଓ ଜୁନାଗଡ଼ ଥାନା ତରଫରୁ ଏସ ଆଇ ସୋନୁ ଖାଲକୋ, ପୂର୍ଣ୍ଣଚନ୍ଦ୍ର ଦାସ, ଭାସ୍କର ଖୋସଲା, ଏଏସ୍‌ଆଇ ଶାନ୍ତିଲତା ବାରିକ, ଜିଜେ ରେଡି ଓ ଏପିଏଫ ପୂର୍ଣ୍ଣଚନ୍ଦ୍ର ଭତରା ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ଏପିପି ଅଶୋକ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର










**ଭବାନୀପାଟଣା, ୧।୨(ସମିସ)**

ସଦର ବ୍ଲକ କୁଟ୍ଟଖମାର ପଞ୍ଚାୟତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନ ଶିବିର ମଞ୍ଚରେ ମୁଖ୍ୟ ବକ୍ତା ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ବଦ୍ରୀ ନାରାୟଣ ପଟ୍ଟନାୟକ, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ଛଳନା ଚଣ୍ଡୀ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ନାଏକ, ସ୍ଥାନୀୟ ସମିତି ସଭ୍ୟ ଜଗ ମୋହନ ମାଝୀ, ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପାର୍ଥିବ ଖଡିକାର, ବିଜେଡି କର୍ମୀ ଦୃଭ ସିଂ, ବିଜେଡି ଯୁବ କର୍ମୀ ମହନ ଗହିର ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାର ଆଣିଥିବା ଯୋଜନା ବିଷୟରେ ଜନସାଧାରଣଙ୍କୁ କହିଥିଲେ। କରୁଣା ଚଣ୍ଡି ମଞ୍ଚ ପରିଚାଳନା କରିଥିଲେ। ମଞ୍ଚରେ କଳାହାଣ୍ଡି ବୀରବାଦ୍ୟ ଘୁମୁରା ବାଜା ସହ କୁଟ୍ଟଖମାର ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଡାଲଖାଇ, ରସରକେଲି ପ୍ରଦର୍ଶନ କରିଥିଲେ। ୱାର୍ଡ ସଭ୍ୟ, ପଞ୍ଚାୟତ କର୍ତ୍ତୃପକ୍ଷ ଓ ସଂଘ ସହାୟକ ଗୋଷ୍ଠୀ, ଅଙ୍ଗନବାଡି ଓ ଆଶା କର୍ମୀ ସହଯୋଗ କରିଥିଲେ।

**କଳମପୁର:** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ କୋଟାଗାଁ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଯୋଗଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ରୂପାନ୍ତରିତକରଣ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଏଇଇ ସ୍ମୃତି ରଞ୍ଜନ ସେଠି, ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, ନିବେଦିତା ହଂସ, ଜିପିଓ ଜିତେନ୍ଦ୍ର କୁମାର, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରା, ରୋଗୀ କଲ୍ୟାଣ ସମିତି ସାଂସଦ ପ୍ରତିନିଧି ନୀଳକଣ୍ଠ ସୁନାନି, ଶ୍ୟାମ ବେହେରା, ମନୋଜ ନାଏକ, ସଦାନନ୍ଦ ଚନ୍ଦନ, ସୁମତି ଛତ୍ରିଆ, ଅଙ୍ଗନବାଡ଼ି ସୁପରଭାଇଜର ବାସନ୍ତୀ ନାୟକ, ଏଲଆଇ କ୍ଷୀତିସ ମୁଣ୍ଡ, ଆରଆଇ ପାର୍ଥ ସାରଥୀ ବିଛନ୍ଦ, କୁଷଧୃଜ ଛତ୍ରିଆ, କଳମପୁର ଥାନା ସବ୍ ଇନ୍ସପେକ୍ଟର ଡୋଳାମଣି ବିସି, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି, ଏଏସ୍‌ଆଇ ଶେଖର ଜେନା, ପ୍ରଦୀପ ବେହେରା, ଭିଏଡବ୍ଲ୍ୟୁ ସୁଶାନ୍ତ ରାଉତଙ୍କ ସମସ୍ତ ଅଙ୍ଗନବାଡ଼ି କର୍ମୀ, ବିଏଲ୍‌ଏଫ୍, ଏମ୍‌ବିକେ, ସିଆରପି, ମହିଳା ଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ। କେଶରୀ ପାଳ, ହରିଶଙ୍କର ଦୀପ, କୁନ୍ତ ଭଟ ମାଝୀ ମଞ୍ଚ ପରିଚାଳନା କରିଥିଲେ। କୋଟାଗାଁ ପଞ୍ଚାୟତ




ପିଇଓ କପିଳ ନାଏକ, ତାପସ ବେହେରା, ପବିତ୍ର ସେଠି, ମିନିକେତନ୍ ମାଝୀ, ତ୍ରିନାଥ ସତନାମି ପ୍ରମୁଖ ସହଯୋଗ କରିଥିଲେ।

**କେସିଙ୍ଗା:** କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ରେଙ୍ଗାଲି ଗାଁରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା 'ଆମ ଓଡ଼ିଶାଳ ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା ସବୁ କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବାଲସି ସରପଞ୍ଚ ଭାରତୀ ସୁନା, ଭୁପେନ୍ଦ୍ର ସୁନା, ରଘୁମଣୀ ସା, ବବରୁ ସୁନା, ଧାମ ସାହୁ, ଭବାନୀ ଛତର, ଗୌର ସା, ଯୁବନେତା ଲମ୍ବୋଦର ସୁନା, ଆଶୁତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

